# ସାଂଖ୍ୟ ଯୋଗ (୩୪ ଶ୍ଳୋକରୁ ୪୩ ତମ)

ତୁମେ ଯଦି ବର୍ତ୍ତମାନ ମଧ୍ୟରେ ହେବାକୁ ଯାଉଥିବା ଧର୍ମମୟ ଯୁଦ୍ଧ ନ କରିବ ତେବେ ପରିବେଶ ମଧ୍ୟରେ ବିକଶିତ ହେବାକୁଥିବା ଧର୍ମ କିର୍ତ୍ତୀ ଆଦି ତ୍ୟାଗ କରିବା ପରିବର୍ତ୍ତେ ପାପର ଭାଗ ଗ୍ରହଣ କରିବାକୁ ପଡ଼ିବ ।

ଅକୀର୍ତ୍ତୀ ଚାପି ଭୂତାନି କଥୟିଷ୍ୟନ୍ତି ତେଽବ୍ୟୟାମ୍ ।
ସମ୍ଭାବିତସ୍ୟ ଚାକିର୍ତ୍ତିର୍ମରଣାଦାତିରିଚ୍ୟତେ ।। ୩୪ ।।

ଅକିର୍ତ୍ତୀ – ଅପକିର୍ତ୍ତୀ, ଚ – ତଥା, ଅପି – ମଧ୍ୟରେ, ଭୂତାନି - ପରିବେଶରେ କଥୟଷ୍ୟନ୍ତି – କଥା ରହିଯିବ, ତେ – ତୁମର, ଅବ୍ୟୟାମ୍ - ଅକ୍ଷୟ କାଳକୁ, ସମ୍ଭାବିତସ୍ୟ – ସମ୍ମାନୀତ ପାଇଁ, ମରଣାତ୍ – ମୃତ୍ୟୁରୁ, ଚ – ମଧ୍ୟ, ଅତିରିଚ୍ୟତେ - ଦୁଃଖଦାୟୀ ।

ପରିବେଶ ମଧ୍ୟରେ ଥିବା ସମସ୍ତ ଜୀବ ମଧ୍ୟ ତୁମର ଅପକିର୍ତ୍ତୀକୁ ଗାୟନ କରୁଥିବେ । ଜୀବଙ୍କ ଦ୍ଵାରା ସର୍ବଦା ଏପରି ଅପକିର୍ତ୍ତୀ କି ଗାୟନ କରିବାଟା ମୃତ୍ୟୁଠାରୁ ମଧ୍ୟ ଅତ୍ୟନ୍ତ ଦୁଃଖଦାୟକ ବୋଲାଏ ।

ଭୟାଦ୍ରଣାଦ୍ରୁପରତଂ ମଂସ୍ୟନ୍ତେ ତ୍ଵାଂ ମହାରଥାଃ ।
ଯେ ସାଂ ଚ ତ୍ଵଂ ବହୁମତୋ ଭୂତ୍ଵା ଯାସ୍ୟସି ଲାଘବମ୍ ।। ୩୫ ।।

ଭୟାଦ୍- ଭୟରୁ, ରଣାତ୍ – ସଂଗ୍ରାମରୁ, ଭୂପରତମ୍ – ବିପରିତ ହେଲ, ମସ୍ୟନ୍ତେ - ବିଚାର କରିବେ, ତ୍ଵାଂ – ତୁମେ, ମହାରଥାଃ – ମହାରଥିଗଣ । ଯେଷାଂ – ଯେଉଁମାନଙ୍କ, ଚ – ତଥା, ତ୍ଵଂ ତୁମେ, ବହୁମତୋ – ମାନ୍ୟଗଣ୍ୟ, ଭୂତ୍ଵା – ସେମାନଙ୍କ ଦୃଷ୍ଟିରେ, ଯସାସଂ - ଯସ୍ୟଯୁକ୍ତ, ଲାଘବମ୍- ନଗଣ୍ୟ ।

ନିଜେ ନିଜର ଭୟ ଶଂକାକୁ ନେଇ, ସଂଗ୍ରାମରୁ (ପରିବେଶ ପ୍ରକ୍ରିୟା) ଦୂରେଇ ଗଲ ବୋଲି ମହାରଥିଙ୍କ ମନରେ ଭାବ ଯାତହେବ । ଯଦ୍ଵାରା ଯେଉଁମାନଙ୍କ ଧାରଣାରେ ତୁମେ ନିଜର ମାନ୍ୟତା ବୃଦ୍ଧି କରିଥିଲ, ସେମାନଙ୍କ ଦୃଷ୍ଟିରେ ନଗଣ୍ୟ ହୋଇଯିବ ।

ଆବାଚ୍ୟବାଦାଂଶ୍ଚ ବହୁନ୍ ବଦିଷ୍ୟନ୍ତି ତବାହିତାଃ ।।
ନିନ୍ଦନ୍ତସ୍ତବ ସାମର୍ଥ୍ୟଂ ତତୋ ଦୁଃଖତରଂ ନୁ କିମ୍ ।। ୩୬ ।।

ଅବାଚ୍ୟବାଦାନ - ଅବାଚ ବା ଅକଥନୀୟ ବଚନ, ଚ – ମଧ୍ୟ, ବହୁନ୍ - ଅନେକ, ବଦିଷ୍ୟନ୍ତି – କହିବେ, ତବ – ତୁମ, ଅହିତଃ – ଶତ୍ରୁମାନେ, ନିନ୍ଦନ୍ତ - ନିନ୍ଦା, ସ୍ତବ – କଥା, ସାମର୍ଥ୍ୟଂ – ସମର୍ଥକୁ ନେଇ, ତତୋ – ତାଠାରୁ, ଦୁଃଖତରଂ - ଦୁଃଛଠାରୁ ବଳି, ତୁ କିମ୍ - ଆଉ କଣ ଅଛି ।

ଯେଉଁମାନେ ତୁମର ଶତ୍ରୁରୂପେ ପ୍ରତିଷ୍ଠିତ, ସେମାନେ ତୁମ ସାମର୍ଥ୍ୟକୁପ ନିନ୍ଦା କରି ବହୁକିଛି କହିବେ । ତା ଠାରୁ ବଳି ଦୁଃଖ ଆଉ କଣ ଅଛି ।

ହତୋ ବା ପ୍ରାପସ୍ୟସି ସ୍ୱର୍ଗଂ ଜିତ୍ୱା ବା ଚରାକ୍ଷସେ ମହାମ୍ ।
ତସ୍ମାଦିତିଷ୍ଠ କୌନ୍ତେୟ ଯୁଦ୍ଧାୟ କୃତ ନିଶ୍ଚୟଃ ।। ୩୭ ।।

ହତ- ନିହତ, ବା- କିମ୍ବା, ପ୍ରାପସ୍ୟସି - ପ୍ରାପ୍ତହେବା, ସ୍ୱର୍ଗ – ସ୍ୱର୍ଗ, ଜିହ୍ୱା - ଯିବା, ବା – କିମ୍ବା, ଭୋକ୍ଷସେ – ଭୋଗିବାସ, ମହୀମ – ମେଦିନୀସ ତସ୍ମାତ୍ – ତେଣୁ, ଉଦିଷ୍ଟ – ଠିଆ ହୁଅ, କୌନ୍ତେୟ – ହେ ଅର୍ଜନକାରୀ, ସଂଗ୍ରାମ ପାଇଁ – କୃତ ନିଶ୍ଚୟ - ନିଶ୍ଚିତ ଭାବରେ ।

ସଂଗ୍ରାମରେ ଯଦି ତୁମେ ନିହତ ହେବ ତେବେ ନିଶ୍ଚୟ ସ୍ୱର୍ଗ ପ୍ରାପ୍ତ ହେବ । ଯଦି ସଂଗ୍ରାମରେ ଜୟ ଲାଭ କରିବ ତେବେ ମିଦିନୀ ଭୋଗ କରିବ । ହେ କୁନ୍ତି ନନ୍ଦନ ତୁମେ ନିଶ୍ଚୟରେ ସଂଗ୍ରାମ ପାଇଁ ଠିଆ ହୁଅ ।

ସୁଖଦୁଃଖେ ସମେ କୃତ୍ୱା ଲାଭାଲାଭୌ ଜୟାଜୟୌ ।
ତତୋ ଯୁଦ୍ଧାୟୁ ଯୁଜ୍ୟସ୍ୱ ନୈବଂ ପାପମବାପସ୍ୟସି ।। ୩୮ ।।

ସୁଖଦୁଃଖେ – ସୁଖରେ ଦୁଃଖରେ, ସମେ – ସମାନରେସ କୃତ୍ୱା – ଭାବି, ଲାଭାଲାଭୌ – ଲାଭ ନଷ୍ଟି, ଜୟାଜୟୌ – ଜୟ ପରାଜୟ, ତତୋ – ତାପରେ, ଯୁଦ୍ଧାୟ - ଯୁଦ୍ଧରେ, ଯୁଜ୍ୟସ୍ୱ – ମନ ଲଗାଇ, ନ - ସମୁଦାୟରେ, ଏବମ୍ – ଏପରି, ପାପ - ପାପରେ, ସର୍ବପସାସୀ – ଭାଗୀଦାର ହେବ ନାହିଁ ।

ଜୟ ପରାଜୟ, ଲାଭ ନଷ୍ଟି, ତଥା ସୁଖ ଦୁଃଖ ଆଦିକୁ ସମାନ ସମାନ ପରି ମନେ କରି ସଂଗ୍ରାମରେ ମନ ଦେବା ଉଚିତ୍ । ଏପରି ଭାବକୁ ନେଇ ସଂଗ୍ରାମ କଲେ କୌଣସି ପାପ ସ୍ୱର୍ଶ କରିବ ନାହିଁ ।

ଏଷା ତେଽଭିହିତା ସଙ୍ଖ୍ୟା ବୁଦ୍ଧିର୍ଯୋଷେ ଦ୍ୱିସାଂ ଶୃଣୁ ।
ବୁଦ୍ଧ୍ୟା ଯୁକ୍ତୋ ଯୟା ପାର୍ଥ କର୍ମ ବନ୍ଧଂ ପ୍ରହାସ୍ୟସି ।। ୩୯ ।।

ଏଷା – ଏହି, ତେ – ତୁମକୁ, ଅଭିହିତ – କୁହାଗଲା, ସାଖ୍ୟା – ସଂଖ୍ୟା ଯୋଗରେ, ବୁଦ୍ଧ - ବୁଦ୍ଧିରେ, ଡ୍ୱିମାମଂ – ତୁମେ ମତେ, ଶୃଣୁ – ଶୁଣ, ବୁଦ୍ଧ୍ୟା – ବୁଦ୍ଧି ଅନୁସାରେ ଯୁକ୍ତ – ମିଶାଇ, ଯୟା – ଯେଉଁ, ପାର୍ଥ – ହେ ସଖା, କର୍ମବନ୍ଧଂ – କର୍ମ ବନ୍ଧନମ୍ , ପ୍ରହାସାସି –ତ୍ୟାଗ କରିହେବ ।

ହେ ସଖା ! ସମବୁଦ୍ଧିରେ ଯୁକ୍ତ ହୋଇ ତୁମେ ଯଦି କର୍ମ ବନ୍ଧନ ତ୍ୟାଗ କରିଦେବ, ସେପରି ସମବୁଦ୍ଧି ତୁମକୁ ଯୋଗରେ ଜଣାଇ ଦିଆଗଲେ ବର୍ତ୍ତମାନ ତୁମେ ଏହାକୁ କର୍ମ ଯୋଗରେ ଶୁଣ ।

ନେବାଭିକ୍ରମନାଶୋଽତି ପ୍ରତାବାୟୋ ନ ବିଦ୍ୟକେ ।
ସ୍ୱଳ୍ପମପ୍ୟସ୍ୟ ଧର୍ମାସ୍ୟ ତ୍ରାୟତେ ମହତୋ ଭୟାତ୍ ।। ୪୦ ।

ନେହ –ସମୁଦାୟ ଇହଲୋକ, ଅଭିକ୍ରମନାଶ - ଆରମ୍ଭର ନାଶ, ନ ଅସ୍ତି – ହୋଇନଥାଏ । ପ୍ରତ୍ୟବାମୟା – ବିପରିତ, ନ ବିଦ୍ୟତେ – ଦେଖାଯାଏ ନାହିଁ । ସ୍ୱଳ୍ପମ୍ - ଅଳ୍ପଲରେ - ଅପି – ମଧ ଅସ୍ୟ – ଏହି ସମୃଦ୍ଧ ମଧରୁ, ଧର୍ମସ୍ୟ- ଧର୍ମରୁ, ତ୍ରାୟତେ – ରକ୍ଷାକରେ, ମହତୋଭୟାତ୍ – ମହାଭୟରୁ ।

ଏହି ମନୁଷ୍ୟଲୋକରେ ସମବୁଦ୍ଧି ରୂପକ ଧର୍ମର ଆରମ୍ଭ ପରେ, ଆରମ୍ଭର ବିନାଶ ହୁଏ ନାହିଁ । କିମ୍ୱା ବିପରିତ ପଳ ମଧ୍ୟ ଦିଏ ନାହିଁ । ଏହାର ସ୍ୱଳ୍ପାନୁଷ୍ଠାନ ମଧ୍ୟ ମହା ଭୟରୁ ରକ୍ଷା କରିଥାଏ ।

ବ୍ୟବସାୟାତ୍ମିକା ବୁଦ୍ଧିରକେହ କୁରୁ ନନ୍ଦନ ।
ଚହୁଶାଖା ହ୍ୟନନ୍ତାଶ୍ଚ ବୁଦ୍ଧୟୋଽବ୍ୟବସାୟିନାନ୍ ॥ ୪୧ ॥

ବ୍ୟବସାୟାତ୍ମିକା ବୁଦ୍ଧିଃ – ବ୍ୟବସାୟିକ ବୁଦ୍ଧି । ୟେ କେହ – ଏକା ଅଟେ, କୁରୁନନ୍ଦନ - ସତ୍ୟ ଅର୍ଜନକାରୀ, ବହୁଶାତ୍ୟା – ବହୁ ପକ୍ଷ ବିଶିଷ୍ଟ, ଏକା ହିଁ – ହୁଏତ, ଅନନ୍ତ - ଅସୀମ, ଚ – ବା, ବୁଦ୍ଧୟୋ – ବୁଦ୍ଧି ଗୁଡ଼ିକ, ଅବାବସାୟିନାମ୍ – ବେକାରିଆ ମାନଙ୍କର

ହେ ସତ୍ୟ ଅର୍ଜନକାରୀ ! ପ୍ରାପ୍ତି ହୋଇଥିବା ସମବୁଦ୍ଧି ବିଷୟକୁ ତଥା ବ୍ୟବସାୟିକତାର ଆତ୍ମିୟତା ବିଚାର ପ୍ରକାରେ ବୁଦ୍ଧି ପ୍ରକାଶ ପାଇଥାଏ । ଅବ୍ୟବସାୟୀ ବା ବେକାରିଆ ବୁଦ୍ଧିଆଙ୍କ ବିଚାର ଅନନ୍ତ ପ୍ରକାରର ତଥା ବହୁଶାଖା ବିଶିଷ୍ଟ ହୋଇଥାଏ ।

ଯାମିମାଂ ପୁଷ୍ପିତାଂ ବାଚଂ ପ୍ରବଦନ୍ତ୍ୟବିପଶ୍ଚିତଃ ।
ବେଦବାଦରତାଃ ପାର୍ଥ ନାନ୍ୟଦାସ୍ତିତି ବାଦିନଃ ॥ ୪୨ ॥
କାମାତ୍ମାନଃ ସ୍ୱର୍ଗପରା ଜନ୍ମକର୍ମଫଳ ପ୍ରଦାମ୍ ।
କ୍ରିୟାବିଶେଷବହୁଳାଂ ଭୋଗୈଶ୍ୱର୍ଯ୍ୟଗତିଂ ପ୍ରତି ॥ ୪୩ ॥

ଯାମିମାଂ - ଯାହା ଏହି ପ୍ରକାରର, ପୁଷ୍ପିତାମ୍ - ପ୍ରକାଶ ପାଇଛି, ବାଚଂ- କଥା, ପ୍ରବଦ୍ୟନ୍ତ - କୁହାରହିଛି, ବିପଶ୍ଚିତଃ – କର୍ମଫଳ ଅନୁକ୍ରମେ, ବେଦବାଦରତାଃ –ବେଦ ବର୍ଣ୍ଣିତ – ସକାମ କର୍ମ – ହେ ପ୍ରଶ୍ନକାରୀ ବା ପାର୍ଥ, ନ - ସମୁଦାୟ, ଅନ୍ୟଦ - ବ୍ୟତୀତ, ସ୍ତିତି - ପ୍ରକ୍ରିୟା, କାମାତ୍ମନ - କାମନାରେ ଯେଉଁମାନେ ବ୍ୟସ୍ତ, ସ୍ୱର୍ଗପରା – ସ୍ୱର୍ଗ ହିଁ ଶ୍ରେଷ୍ଠ କହନ୍ତି । ଭିନ୍ନ କର୍ମଫଳ ପ୍ରଦାମ୍ – ଜନ୍ମ କର୍ମକୁ ନେଇ ଫଳ ମିଳିଥାଏ କ୍ରିୟାବିଶେଷ ବହୁଳାଂ - ଅନେକ କର୍ମ ବିଶେଷ, ଭୋଗେଶ୍ୱର୍ଯ୍ୟ ଗତିଂ – ଭୋଗ ଐଶ୍ୱର୍ଯ୍ୟର ପ୍ରାପ୍ତି ସକାଶେ ।

ହେ ସତ୍ୟ ଅର୍ଜନକାରୀ ! କାମନାରେ ଯେଉଁମାନେ ତନ୍ମୟ ଅଟନ୍ତି, ସ୍ୱର୍ଗ ହିଁ ଶ୍ରେଷ୍ଠ ମନେ କରନ୍ତି । ବେଦ ବର୍ଣ୍ଣିତ ସକାମ କର୍ମରେ ପ୍ରିତି ରଖନ୍ତି, ଭୋଗ ବ୍ୟତିତ କିଛି ଆଉ ନାହିଁ ବୋଲି ଭାବନ୍ତି, ସେପରି ଅବିବେକୀ ଜନ ପ୍ରକାର ପ୍ରକାରରେ ଯେଉଁ ପୁଷ୍ପିତ ବାଣୀ କହନ୍ତି ତାହା ଜନ୍ମିତ କର୍ମଫଳ ପ୍ରଦାନ କରିଥାଏ । ଭୋଗ, ଐଶ୍ୱର୍ଯ୍ୟ ପ୍ରାପ୍ତି ପାଇଁ ଅନେକ ପ୍ରକ୍ରିୟାର ବର୍ଣ୍ଣନା କରିଥାଏ ।